## ସଂକ୍ଷେପରେ

### ଲଜ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୧୬।୭:** ବାରିପଦା ସହରର ସତ୍ୟସାଇ ରୋଡସ୍ଥିତ ଏକ ଲଜ୍‌ରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଉଦଳା ସହର ୱାର୍ଡ ନଂ.-୯ ମେଣ୍ଡାଖାଇ ଅଞ୍ଚଳର ରବୀନ୍ଦ୍ର ବେହେରା ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ ରବୀନ୍ଦ୍ର ସୋମବାର ମଧ୍ୟାହ୍ନ ୧୨ଟା ୩୦ରେ ଏହି ଲଜ୍‌କୁ ଆସି ୧୧୮ ନମ୍ବର ରୁମ୍‌ରେ ରହିଥିଲେ। ମଙ୍ଗଳବାର ସକାଳେ ଲଜ୍‌ର ସଫେଇ କର୍ମଚାରୀ ରୁମ୍ ଗୁଡିକୁ ସଫା କରିବାକୁ ଆସିଥିଲେ। ମାତ୍ର ରୁମ୍ ନ ଖୋଲିବାରୁ ସଫେଇ କର୍ମଚାରୀମାନେ ଝରକା ପଟେ ରବୀନ୍ଦ୍ର ମରି ପଡିଥିବା ଦେଖିଥିଲେ। ପୋଲିସ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରାଯାଇଥିଲା। ସେଠାରେ ଏକ ମଦ ବୋତଲ ଓ କିଛି ଖାଦ୍ୟ ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁହଁରୁ ଫେଣ ବାହାରୁଥିବାରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ରବୀନ୍ଦ୍ର ସୋମବାରଠାରୁ ପରିବାର ଲୋକଙ୍କ ସହିତ ଝଗଡା କରି ଘରୁ କେଉଁଆଡେ ଚାଲିଯାଇଥିବା ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

**ଜଳେଶ୍ୱର, ୧୬।୭(ଡି.ଏନ.ଏ.):** ଜଳେଶ୍ୱର ଥାନା ପୁରୁଣା ଓଟି ରୋଡ଼ ମଧ ଦେଇ ସୋମବାର ବିଳମ୍ବିତ ରାତ୍ରିରେ ପଶ୍ଚିମବଙ୍ଗ ଆଡ଼କୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୧ସି-୧୧୪୫) ଯାଉଥିବା ବେଳେ ସ୍ଥାନୀୟ ବଜରଙ୍ଗ ଦଳର କର୍ମକର୍ତ୍ତା ପିଛା କରି ଅଟକାଇଥିଲେ। ଏହି ସମୟରେ ପିକ୍‌ଅପ ଡ୍ରାଇଭର ଓ ହେଲ୍‌ପର ଭ୍ୟାନକୁ ଛାଡ଼ି ପଳାଇଯାଇଛନ୍ତି। ଜଳେଶ୍ୱର ଥାନାରେ ବଜରଙ୍ଗ ଦଳର ଜଳେଶ୍ୱର ସଂଯୋଜକ ପବନ କୁମାର ସାହୁ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବେଆଇନ ଗୋ ଚାଲାଣ ମାମଲା ରୁଜୁ କରି ଉକ୍ତ ପିକ୍‌ଅପକୁ ଜବତ କରିଛି। ଉକ୍ତ ଭ୍ୟାନରେ ଚାଲାଣ ହେଉଥିବା ୨୪ ଗୋରୁକୁ ଉଦ୍ଧାର କରାଯାଇ ଶାନ୍ତିଆସ୍ଥିତ ଷ୍ଟାଡିୟମ ପରିସରରେ ରଖାଯାଇଛି। ଗୋରୁଗୁଡ଼ିକୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପୋଲିସ ପଠାଇଦେବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଶହେରୁ ଉର୍ଦ୍ଧ୍ୱ ଗୋରୁକୁ ନେଇ ପଶ୍ଚିମବଙ୍ଗ ଆଡ଼କୁ ଯାଉଥିବା ଏକ କଣ୍ଟେନର ୬୦ନଂ. ଜାତୀୟ ରାଜପଥ କଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିବାରୁ ୨୪ଘଣ୍ଟା ନ ପୁରୁଣୁ ପୁଣି ଏଭଳି ଗୋଚାଲାଣ ଘଟଣା ସାମ୍ନାକୁ ଆସିବା ପ୍ରଶାସନ ଓ ପୋଲିସର ସ୍ୱଚ୍ଛ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ଶ୍ୱଶୁରଘର ଲୋକେ ମୁମୂର୍ଷୁ ଅବସ୍ଥାରେ ଛାଡ଼ିଯାଇଥିବା ଜ୍ୱାଇଁଙ୍କ ମୃତ୍ୟୁ

# ପୋଲିସ ମାଡ଼ରେ ମୃତ୍ୟୁ ଘଟିଥିବା କହିଲେ ସ୍ତ୍ରୀ

■ ମୃତକଙ୍କ ବାପା ଆଣିଲେ ଶ୍ୱଶୁର ଘର ବିରୋଧରେ ଅଭିଯୋଗ

■ ଥାନାରେ ହତ୍ୟା ମାମଲା ରୁଜୁ

■ ସ୍ତ୍ରୀଙ୍କ ଅଭିଯୋଗ ପରେ ଘଟଣାର ଭିନ୍ନ ମୋଡ଼, ତଦନ୍ତ ଜାରି

**ଆନନ୍ଦପୁର,୧୬। ୭(ସ୍ୱ.ପ୍ର.)**

ସୋମବାର ରାତିରେ ଶ୍ୱଶୁରଘର ଲୋକେ ଜ୍ୱାଇଁଙ୍କୁ ମୁମୂର୍ଷୁ ଅବସ୍ଥାରେ ଆଣି ଘରେ ଛାଡ଼ିଯିବାପରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଆନନ୍ଦପୁର ପୌରାଞ୍ଚଳ ଅଧୀନ ଫକୀରପୁର ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମଣ୍ଟୁଣି ଦାଶଙ୍କୁ ଶ୍ୱଶୁର ଘର ଲୋକେ ଆକ୍ରମଣ କରି ମାରିଦେଇଥିବା ତାଙ୍କ ବାପା କାଶୀନାଥ ସ୍ଥାନୀୟ ଥାନାରେ ଅଭିଯୋଗ କରିବାପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ ମୃତ ମଣ୍ଟୁଣିଙ୍କ ସ୍ତ୍ରୀ ସୁମିତ୍ରା ପୋଲିସରେ ଦେଇଥିବା ବୟାନ ଘଟଣାକୁ ଭିନ୍ନ ମୋଡ଼ ଦେଇଛି। ଭଦ୍ରକ ଟାଉନ ଥାନା ପୋଲିସ ମାଡ଼ରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସୁମିତ୍ରା କହିଛନ୍ତି, ସୋମବାର ଭଦ୍ରକ ସ୍ଥିତ ତାଙ୍କ ଭଉଣୀଘରକୁ ମଣ୍ଟୁଣି ତାଙ୍କୁ ସାଥିରେ ନେଇ ଯାଇଥିଲେ। ସନ୍ଧ୍ୟା ୮ଟା ସମୟରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିଲେ। ଭଦ୍ରକ ବନ୍ତ ଛକ ନିକଟରେ ଥିବା ଏକ ମଦ ଦୋକାନକୁ ଯାଇ ମଣ୍ଟୁଣି ମଦ ପିଇଥିଲେ। ପରେ ସେ ଆଉ ଗାଡ଼ି ଚଳାଇ ପାରି ନ ଥିଲେ।



ସ୍ୱାମୀଙ୍କ ମୃତଦେହ ନିକଟରେ ସ୍ତ୍ରୀ ଓ ତାଙ୍କ ୫ମାସର ପୁଅ।

ସୁମିତ୍ରା ସାଥିରେ ନେଇଥିବା ୫ ମାସର ଶିଶୁ ପୁତ୍ରକୁ ଧରି ସେଠାରେ ବସି କାନ୍ଦୁଥିବା ପାଟ୍ରୋଲିଂ କରୁଥିବା ଭଦ୍ରକ ଟାଉନ ଥାନା ପୋଲିସ ଦେଖି ସେମାନଙ୍କୁ ଥାନାକୁ ଧରି ନେଇଥିଲେ। ମଦ ପିଇ ଗାଡ଼ି ଚଳାଇବା ଘଟଣା ନେଇ ପୋଲିସ ମଣ୍ଟୁଣିଙ୍କୁ ମାଡ଼ ମାରିଥିଲେ। ତାଙ୍କ ଅବସ୍ଥା ଖରାପ ହୋଇପଡ଼ିବାରୁ ସୁମିତ୍ରା ନାଚାର ହୋଇ ଫୋନ କରି ବାପଘର ଲୋକଙ୍କୁ ଜଣାଇଥିଲେ। ବାପଘର ଲୋକେ ପହଞ୍ଚି ମଣ୍ଟୁଣିଙ୍କୁ ଆଣି ଫକିରପୁର ଗାଁର ତାଙ୍କ ଘରେ ଛାଡ଼ିଥିଲେ। ପୋଲିସ ମାଡ଼ରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଛି ବୋଲି ସୁମିତ୍ରା ଓ ତାଙ୍କ ବାପଘର ଲୋକେ ଜେରାବେଳେ ପ୍ରକାଶ କରିଛନ୍ତି। ସୁମିତ୍ରାଙ୍କ ବୟାନ ଅନୁଯାୟୀ ପୋଲିସ କୌଣସି ମାମଲା ରୁଜୁ କରି ନାହିଁ। ମଣ୍ଟୁଣିଙ୍କ ବାପା କରିଥିବା ଅଭିଯୋଗ ଅନୁଯାୟୀ ୩୦୨ ଓ ୨୦୧ ଦଫାରେ ଏକ ମାମଲା (ନଂ.୧୨୯/୧୯) ରୁଜୁ କରି ତଦନ୍ତ ଚଳାଇଥିବା କହିଛି। ଘଟଣାର ତଦନ୍ତ କରୁଥିବା ଆନନ୍ଦପୁର ଥାନା ଏସ୍‌ଆଇ ଏହି ସୂଚନା ଦେଇ କହିଛନ୍ତି, ମଣ୍ଟୁଣିଙ୍କର କିଭଳି ମୃତ୍ୟୁ ଘଟିଲା ତଦନ୍ତ ପରେ ସ୍ପଷ୍ଟ ହେବ। ସୁମିତ୍ରାଙ୍କ ବୟାନ ଅନୁଯାୟୀ ଭଦ୍ରକ ଟାଉନ ଥାନା ପୋଲିସ ସହ ଯୋଗାଯୋଗ କରାଯାଉଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସୁମିତ୍ରା କହିଛନ୍ତି, ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଭଦ୍ରକ ପୋଲିସ ଦାୟୀ। ଥାନାରେ ଅସୁସ୍ଥ ହୋଇପଡ଼ିଥିବା ସତ୍ତ୍ୱେ ତାଙ୍କୁ ଚିକିତ୍ସା କରାଯାଇ ନ ଥିଲା। ସେ ବାପଘର ଲୋକଙ୍କ ସହାୟତା ନେଇ ମଣ୍ଟୁଣିଙ୍କୁ ଆଣି ଭୋର ୪ ଟା ସମୟରେ ଘରେ ଛାଡ଼ିଥିଲେ। ମଣ୍ଟୁଣିଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡି ସୁମିତ୍ରା ଓ ତାଙ୍କ ସହ ଆସିଥିବା ଲୋକେ ସାଇଁକୁଳ ଫାଣ୍ଡି ଅଧୀନ ବାମ୍ପିଡିସ୍ଥିତ ନିଜ ବାପ ଘରକୁ ପଳାଇଯିବା ଘଟଣା ନେଇ କାଶୀନାଥ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ସକାଳେ ସୁମିତ୍ରା ଓ ତାଙ୍କ ବଡ ବାପା ଆସି ଫକିରପୁରରେ ପହଞ୍ଚିବା ପରେ ଗ୍ରାମବାସୀ ସେମାନଙ୍କୁ ଘେରିଯାଇ ପଚରାଉଚରା କରି ଏହାକୁ ମୋବାଇଲରେ ରେକର୍ଡିଂ କରିଥିଲେ। ପୋଲିସ ସେମାନଙ୍କୁ ପରେ ଗାଁରୁ ଉଦ୍ଧାର କରିଥିଲା।



ମାଙ୍କଡ଼ କାମୁଡ଼ାରେ ଆହତ ହୋଇଥିବା ଗ୍ରାମବାସୀ।

# ମାଙ୍କଡ଼ ଉତ୍ପାତ, ୧୨ରୁ ଉର୍ଦ୍ଧ୍ୱ ଆହତ

**ବସ୍ତା, ୧୬।୭(ସ୍ୱ.ପ୍ର.)**

ବସ୍ତା ଥାନା କୁଳିଦା ପଞ୍ଚାୟତରେ ଗତ ୧୫ଦିନ ହେଲା ମାଙ୍କଡ଼ଙ୍କ ଉପଦ୍ରବ ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ୫୦ରୁ ଉର୍ଦ୍ଧ୍ୱ ମାଙ୍କଡ଼ ଏହି ପଞ୍ଚାୟତର ତେନ୍ତୁଳିଆ, କୁଳିଦା, ଆଗ୍ରଡ଼ା ଆଦି ଗ୍ରାମରେ ଉତ୍ପାତ କରିବା ସହିତ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଗୋଡ଼ାଇ କାମୁଡ଼ିବା ଯୋଗୁ ୧୨ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଆହତମାନେ ହେଲେ ତେନ୍ତୁଳିଆ ଗ୍ରାମର କମଳା ବେହେରା, ଶୁଭଲକ୍ଷ୍ମୀ ବେଜ, ମିତୁ ବେହେରା, ସୁବ୍ରତ ବେଜ୍, ରଶ୍ମିତା ବେହେରା, ଇନ୍ଦମଣି ବେହେରା, କବିତା ହାତୀ, କୁଳିଦା ଗ୍ରାମର ବିଜୟ କୁମାର ଗିରି, ସବିତା ଗିରି, ବିନୟ ସାମଲ ଏବଂ ଆଗ୍ରଡ଼ା ଗ୍ରାମର ବୈଜୟନ୍ତୀ ନାୟକ। ମାଙ୍କଡମାନେ ବାଡ଼ି ବଗିଚାରେ ଗଛପତ୍ର ନଷ୍ଟ କରିବା ସହିତ ବିଲରେ କାମ କରୁଥବା ଲୋକ, ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କୁ କାମୁଡ଼ିବା ପାଇଁ ଗୋଡ଼ାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଆହତମାନେ ସ୍ଥାନୀୟ ଓ ବସ୍ତା ଡାକ୍ତରଖାନରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ମାଙ୍କଡ଼ମାନେ ରାସ୍ତାରେ ଉପଦ୍ରବ ଚଳାଉଥିବାରୁ ବାଇକ୍ ଆରୋହୀମାନେ ନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କୁ କାବୁ କରିବା ନେଇ ଗ୍ରାମବାସୀ ଅମର୍ଦ୍ଦାରୋଡ଼ ନିକଟବର୍ତ୍ତୀ ଫରେଷ୍ଟ କାର୍ଯ୍ୟାଳୟରେ ଜଣାଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ।

# ଲକ୍ଷାଧିକ ଟଙ୍କାର ଜିଞ୍ଜର ସହ ପିକ୍‌ଅପ୍ ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୬।୭**

ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ସୋମବାର ପୂର୍ବାହ୍ନ ସମୟରେ ଶିଳ୍ପାଞ୍ଚଳ ଥାନା ବାମପଦା ଛକରେ ଗୋଟିଏ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ୟୁ୪୨୨୨)ରେ ଯାଉଥିବା ୨୫ପେଟି ଜିଞ୍ଜର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ଟଙ୍କା ହେବ। ଏହାକୁ ଚାଲାଣ କରୁଥିବା ଡ୍ରାଇଭର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ବାସୁଦେବପୁର ଥାନା କୁମାରପୁର ଗ୍ରାମରେ।

ଦୀର୍ଘଦିନ ହେଲା ଝାଡ଼ଖଣ୍ଡ ରାଜ୍ୟ ଦେଓଘର ଜିଲାରେ ତିଆରି ହେଉଥିବା ଜିଞ୍ଜର ଓଡ଼ିଶାର ବିଭିନ୍ନ ଜିଲାକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ସୂଚନା ପାଇ ଗାଡ଼ିକୁ ଅଟକାଯାଇଥିଲା। ଗାଡ଼ି ସମେତ ମାଦକ ଦ୍ରବ୍ୟ ଜବତ କରାଯିବା ସହ ଭ୍ରାମ୍ୟମାଣ ଅବକାରୀ ଥାନାରେ ମାମଲା (ନଂ.



ଜବତ ପିକଅପ୍ ଭ୍ୟାନ୍ ଓ ଜିଞ୍ଜର ସହ ଗିରଫ ଡ୍ରାଇଭର।

୬୭/୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାନୁସାରେ ଜିଞ୍ଜର ବୋତଲରେ ୮୬ରୁ ୯୦ ପ୍ରତିଶତ ଆଲକହଲ ରହୁଛି। ଯାହା ମଦଠାରୁ ଅଧିକ ନିଶା ହେବାରେ ସହାୟ ହେଉଛି। ୪୫୦ ଏମ୍.ଏଲ୍. ଜିଞ୍ଜରକୁ ବୋତଲରେ ପ୍ରିଣ୍ଟରେଟ୍ ଲେଖାହୋଇଥିବା ୧୧୫ ଟଙ୍କା ଥିବା ବେଳେ ଚୋରାରେ ୪ଶହ ଟଙ୍କା ନେଇ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଗତ ଜାନୁୟାରୀ ୧୩ ତାରିଖରେ ଶେରଗଡ଼ସ୍ଥିତ ଟୋଲଗେଟ୍ ପଛରୁ ଏକ ଟ୍ରକ୍‌ରେ ଯାଉଥିବା ୧୦୦ପେଟି ଅର୍ଥାତ୍ (୨୨୫୦ ଲିଟର) ଧରା ପଡ଼ି ଟ୍ରକ୍ ସହ ଜବତ ହୋଇଥିଲା। ଏହିଭଳି ଅନେକ ନିଶା ମାଫିଆମାନେ ଜିଞ୍ଜରକୁ ନେଇ ଉପକୂଳ ଜିଲାଗୁଡ଼ିକରେ ଚୋରା କାରବାର ବିସ୍ତାର କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳୁଛି। ଚଢ଼ାଉରେ ସହ ଉପନୀରିକ୍ଷକ ଚନ୍ଦ୍ର ମୋହନ ସେଠୀ ଓ କନଷ୍ଟେବଳ ପ୍ରହଲ୍ଲାଦ ବିଶ୍ୱାଳ ଓ ସେକ କଲିମ ପ୍ରମୁଖ ସାମିଲ ଥିଲେ।

# ଧରାପଡ଼ିଲେ ଚୋରଗ୍ୟାଙ୍ଗ

## ୯ ଗିରଫ, ୩୯ ମୋବାଇଲ, ୩ ବାଇକ୍ ଜବତ

**ବାଲେଶ୍ୱର ଅଫିସ, ୧୬।୭**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଏକ ଚୋରଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗରେ ୯ଜଣ ଚୋର ଅଛନ୍ତି। ସେମାନଙ୍କଠାରୁ ୩୯ ମୋବାଇଲ, ୩ ବାଇକ୍ ଜବତ କରାଯାଇଥିବା ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଉମେଶ ପଣ୍ଡା ଓ ଥାନାଧିକାରୀ ଶୁଭ୍ରାଂଶୁ ନାୟକ ସୂଚନା ଦେଇଛନ୍ତି।

ସହରରେ ଦିନକୁ ଦିନ ବଢ଼ି ଚାଲିଥିବା ମୋବାଇଲ୍ ଚୋରି ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଗତ ୧୨ ତାରିଖ ଅପରାହ୍ନ ସମୟରେ ବାଲିଆସ୍ଥିତ ରାଜକମ୍ପ୍ଲେକ୍ସ ସମ୍ମୁଖରୁ କେତେକ ଦୁର୍ବୃତ୍ତ ସହଦେବଖୁଣ୍ଟା ଗ୍ରାମର ସାଗର ଅଗ୍ରୱାଲ (୩୪)ଙ୍କ ମୋବାଇଲ୍ ଲୁଟ୍ କରି ବାଇକ୍ ଯୋଗେ ପଳାଇଯାଇଥିବା ସହଦେବଖୁଣ୍ଟା ମଡ଼େଲ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ୧୪ତାରିଖରେ ମାମଲା ରୁଜୁ କରି ଥାନାଧିକାରୀ ନାୟକ ତଦନ୍ତ ଆରମ୍ଭ କରିଥିଲେ। ସହରର ପୁରୁଣାବାଲେଶ୍ୱର, ଗୁଡ଼ିପଦା, ଚୁନଭାଟି, ଗୋପାଳଗାଁ ଅଞ୍ଚଳରେ ଚଢ଼ାଉ କରି ୬ଜଣ ମୋବାଇଲ ଚୋରଙ୍କ ସମେତ କଂଗ୍ରେସଗଳି, ଦରଜୀପୋଖରୀ, ମୋତିଗଞ୍ଜ ଅଞ୍ଚଳରେ ଥିବା ୩ଜଣ ମୋବାଇଲ ବିକ୍ରି ଓ ରିପ୍ୟାରିଂ ଦୋକାନୀଙ୍କୁ ଗିରଫ କରିଥିଲେ। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୧୮୮/୧୯) ରୁଜୁ କରାଯାଇଥିଲା। ଏହି ମାମଲାରେ ୩ଜଣ ଗୋପାଳଗାଁ ଅଞ୍ଚଳର ଶରତ ମାଝି, ଗଜେନ୍ଦ୍ର ଦାସ, ସହଦେବଖୁଣ୍ଟା ଥାନା ଗୁଡ଼ିପଦା ଗ୍ରାମର ଅଜିତ ସିଂହଙ୍କୁ ଗିରଫ କରାଯାଇଥିଲା। ସେହିପରି ମାମଲା ମାମଲା (ନଂ. ୧୯୦/୧୯)କୁ ଭିତ୍ତି କରି ଗୋପାଳଗାଁ ଚୁନଭାଟି ଅଞ୍ଚଳର ଅଶୋକ କମିଲା, କେଶବ କମିଲା, ଗଳାପୋଲ ଅଞ୍ଚଳର ମାବୁଦ ମଲ୍ଲିକ, ସୁନ୍ଦରି ଅଞ୍ଚଳର ଶିବଜୀ ଚୌଧୁରୀ, ସୁନହଟ୍ ଅଞ୍ଚଳର ଏସ୍‌କେ ଇର୍ସାଦ୍, ଅନ୍ନପୂର୍ଣ୍ଣା ଗଳି ଅଞ୍ଚଳର ଏସ୍‌କେ ରମଜାନ (୧୮)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



୩୯ ମୋବାଇଲ, ୩ ବାଇକ୍ ସହ ୯ଜଣ ମୋବାଇଲ୍ ଚୋର ଗିରଫ।

# କିରୋସିନ ଜବତ ଘଟଣା ନେଇ ଅନ୍ଧୁଆରେ ଯୋଗାଣ ବିଭାଗ

**ବାସୁଦେବପୁର, ୧୬।୭(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଏକ କିରୋସିନ ସବ୍‌ହୋଲସେଲ୍ ଡିପୋରୁ ଚାଲାଣ ହେଉଥିବା ୨୨ ଶହ ଲିଟର କିରୋସିନ ଜବତ ହେବା ପରେ ଏହାର ତଦନ୍ତ ପ୍ରକ୍ରିୟା ଅନ୍ଧୁଆରେ ଛନ୍ଦି ହୋଇପଡିଛି। ଯୋଗାଣ ବିଭାଗ ତଦନ୍ତର ଦିଗ ବଦଳାଯାଉଥିବାରୁ ଅଞ୍ଚଳବାସୀ ଏ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ, ଗତ ମେ ମାସ ୨୮ ତାରିଖରେ ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାର ଭୈରବପୁର ଛକ ନିକଟରୁ ପୋଲିସ ଏହି କିରୋସିନକୁ ଜବତ କରି ଏହାକୁ ଯୋଗାଣ ବିଭାଗକୁ ହସ୍ତାନ୍ତର କରିଥିଲା। ପରେ ଯୋଗାଣ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ତେଲ ଚାଲାଣ ଘଟଣାରେ ତରବରିଆ ପଦକ୍ଷେପ ନେଇ ଯୋଗାଣ ବିଭାଗ ବଚ୍ଛଦା ଗ୍ରାମର ରିଟେଲର ନରେନ୍ଦ୍ର ପ୍ରସାଦ ବିଶ୍ୱାଳ୍‌ଙ୍କୁ ନିଲମ୍ବିତ କରିଥିଲା। ସମ୍ପୃକ୍ତ ରିଟେଲର୍ ତେଲ ଚାଲାଣରେ ସମ୍ପୃକ୍ତ ନ ଥିବା ଓ ଜବତ ତେଲ ତାଙ୍କର ନୁହେଁ ବୋଲି ଦର୍ଶାଇ ଏବେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଛନ୍ତି। ଅସଲ ଅଭିଯୁକ୍ତଙ୍କୁ ଗିରଫ ନ କରି ଯୋଗାଣ ବିଭାଗ ଏହାକୁ ଘଣ୍ଟ ଘୋଡାଇବା ଦୁର୍ଭାଗ୍ୟଜନକ ବୋଲି ନରେନ୍ଦ୍ର ମଧ ଅଭିଯୋଗ ଉଠାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ତା୨୨।୪।୧୯ ରେ କୋଟା ତେଲ ବାବଦକୁ ସେ ୧୨ ଶହ ଲିଟର, ୧୨।୫।୧୯ ରିଖରେ ୨୨ ଶହ ଲିଟର ଓ ତା୧୮।୫।୧୯ ରିଖରେ ୨୨୯୭ ଶହ ଲିଟର ତେଲ ଉଠାଣ କରିଥିଲେ। ଏହାକୁ ବଣ୍ଟନ କରି ସେ ତା୨୫।୫।୧୯ ରିଖରେ ବାସୁଦେବପୁର ଯୋଗାଣ ନିରୀକ୍ଷକଙ୍କ ନିକଟରେ ରିଟର୍ନ ଦାଖଲ କରିଥିଲେ। ଏହାସତ୍ତ୍ୱେ ସେହିମାସ ୨୮ ତାରିଖରେ ଜବତ ତେଲକୁ ତାଙ୍କର ବୋଲି କୁହାଯିବା ସନ୍ଦେହଜନକ। ଏହି ମର୍ମରେ ସେ ଉପଜିଲାପାଳ, ଜିଲାପାଳ, ସିଏସ୍‌ଓ, ଯୋଗାଣ ନିରୀକ୍ଷକଙ୍କ ନିକଟରେ ସୋମବାର ଲିଖିତ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ ବିଭୀଷଣ ନାଏକଙ୍କୁ ପଚାରିବାରୁ ତେଲ ଜବତ ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

